## ସଂକ୍ଷେପରେ

### ସ୍ତ୍ରୀ ହତ୍ୟା ଅଭିଯୋଗରୁ ସ୍ୱାମୀ ନିର୍ଦ୍ଦୋଷ

ବୋରିଗୁମ୍ମା,୨୭।୮(ଡି.ଏନ.ଏ.)- ଏକ ସ୍ତ୍ରୀ ହତ୍ୟା ମାମଲାର ବିଚାରକରି ଜୟପୁରସ୍ଥିତ ମହିଳା ଅଦାଲତ ବିଚାରପତି ଅଞ୍ଜଳି ମଛଖଣ୍ଡ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲା ବିବରଣୀରୁ ଜଣାପଡିଛି, ବୋରିଗୁମ୍ମାର ଜଣେ ମହିଳା ୧୨ ଜୁଲାଇ ୨୦୧୮ରେ ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ ତାଙ୍କ ବିବାହିତ ଝିଅକୁ ଉକ୍ତ ଗ୍ରାମର ପ୍ରଣବ ସାହୁ ଜବରଦସ୍ତ ଟାଣିନେଇ ସ୍ତ୍ରୀ କରି ରଖି ସବୁବେଳେ ଗାଳିଗୁଲଜ କରି ମାରପିଟ କରୁଛନ୍ତି। ବାପଘରକୁ ଫୋନ କରିବାକୁ ଦିଅନ୍ତି ନାହିଁ। ବାପଘରକୁ ଗଲେ ଜୀବନରେ ମାରିଦେବାକୁ ଧମକ ଦିଅନ୍ତି। ସେହି ବର୍ଷ ଜୁଲାଇ ୧୬ ଜୁଲାଇରେ ତାଙ୍କ ଝିଅକୁ ପ୍ରଣବ ମାଡ଼ ମାରି ବେକରେ ଓନି ବାନ୍ଧି ଫ୍ୟାନ୍‌ରେ ଝୁଲାଇ ମାରି ଦେଇଛନ୍ତି ବୋଲି ଅଭିଯୋଗରେ ଉଲ୍ଲେଖ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ କରି କେସ୍ ନଂ. ୧୨୪/୧୮ ଦଫା ୩୦୨ରେ ପ୍ରଣବଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ମାମଲାର ବିଚାରକରି ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଦାଲତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପ୍ରଣବଙ୍କ ପକ୍ଷରୁ ଆଇନଜୀବୀ ଲାଲୁ ଷଡ଼ଙ୍ଗୀ ମକଦ୍ଦମା ପରିଚାଳନା କରୁଥିଲେ।

### ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

ଏମ୍‌ଭି ୭୯,୨୭।୮(ଡି.ଏନ.ଏ.)- ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମ୍‌ଭି-୭୯ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପ୍ରଦୀପ୍ତ ମିଶ୍ର ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରଜନୀକାନ୍ତ ନାୟକ ଅତିଥି ପରିଚୟ ଦେଇଥିଲେ। ବିଚାରକ ଭାବେ ବିରାଜ ମଜୁମଦର, ପ୍ରଭାତ ମଣ୍ଡଳ, ଦୀପକ



ମେହେର ଯୋଗଦେଇ ପ୍ରକଳ୍ପଗୁଡିକର ସମୀକ୍ଷା କରିଥିଲେ। ବିଜ୍ଞାନ ପ୍ରମୁଖ ଆଲୋକ ମାଲି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବିଜ୍ଞାନ ମେଳାରେ ୧୬୨ ଜଣ ପ୍ରତିଯୋଗୀ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ପ୍ରଶ୍ନମଞ୍ଚ, ପ୍ରୟୋଗ, ପତ୍ରବାଚନ ଓ ନିବନ୍ଧ ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ପ୍ରଶ୍ନମଞ୍ଚକୁ ୧୯ ଜଣ ପରିଚାଳକ ପରିଚାଳନା କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଡାକ୍ତର ପ୍ରସନ୍ନଜିତ ରାୟ ଏବଂ ସମ୍ମାନିତ ଅତିଥି ଭାବେ ଏଏସ୍‌ଆଇ ରାଜେନ୍ଦ୍ର ପାଙ୍ଗୀ, ସତ୍ୟନାରାୟଣ ସୁବୁଦ୍ଧି ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ସମ୍ପାଦକ ଲୋକନାଥ ମହାକୁଡ଼ ଧନ୍ୟବାଦ ଦେଇଥିଲେ।

### କୀଟନାଶକ ଖାଇ ମହିଳା ଗୁରୁତର

ଏମଭି-୭୯,୨୭।୮ (ଡି.ଏନ.ଏ.)- ଜଣେ ମାନସିକ ବିକାରଗ୍ରସ୍ତ ମହିଳା କୀଟନାଶକ ଖାଇ ଗୁରୁତର ହୋଇପଡିଛନ୍ତି। ସେ ହେଲେ ମାଲକାନଗିରି ଜିଲା କାଲିମେଳା ବ୍ଲକ ମୋଟୁ ଗ୍ରାମର କାକାନୀ ଭେଙ୍କେଟେସଙ୍କ ସ୍ତ୍ରୀ କାକାନୀ ବିଜୟା (୪୫)। ଗୁରୁତର ଅବସ୍ଥାରେ ତାଙ୍କୁ କାଲିମେଳା ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟଜନକ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ବିଦ୍ୟାଳୟ ପାଚେରି ନିର୍ମାଣରେ ଛାତ୍ରଙ୍କୁ ଲଗାଇଥିଲେ ଶିକ୍ଷକ

**ମାଥିଲି/ମାଲକାନଗିରି, ୨୭।୮(ଡି.ଏନ୍.ଏ.)**

କେନ୍ଦ୍ର ଏବଂ ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କ ଶିକ୍ଷାର ଉନ୍ନତି ସହ ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ ପାଇଁ ବହୁ ଅର୍ଥ ଖର୍ଚ୍ଚ କରୁଛନ୍ତି। ପିଲାମାନଙ୍କ ପାଇଁ ନୂତନ ବିଦ୍ୟାଳୟ ଗୃହ ନିର୍ମାଣଠାରୁ ଆରମ୍ଭକରି ବିଦ୍ୟାଳୟରେ ଶୁଦ୍ଧ ପାନୀୟ ଜଳ, ପାଠ୍ୟ ପୁସ୍ତକ ଉପକରଣ, ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ ପ୍ରତି ଗୁରୁତ୍ୱ ଦେଉଛନ୍ତି। ମାତ୍ର ଅନେକ ବିଦ୍ୟାଳୟରେ ଶିକ୍ଷାଦାନ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେଉଛି। ଛାତ୍ରୀଛାତ୍ରଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ଅଭିଯୋଗ ହେଉଛି। ମାଲକାନଗିରି ଜିଲାର ଏକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟର ଭାଙ୍ଗି ଯାଇଥିବା ପାଚେରି ନିର୍ମାଣରେ ନିୟୋଜିତ କରାଯାଇଥିବା ଦେଖିବାକୁ ମିଳିଛି। ମାଥିଲି ବ୍ଲକ ଟେମୁରୁପାଲ୍ଲୀ ପଞ୍ଚାୟତ କଂସାରିପୁଟ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏପରି ଘଟଣା ଦେଖିବାକୁ ମିଳିଛି। କୋମଳମତି ଛାତ୍ରମାନେ ବିଦ୍ୟାଳୟର ଭାଙ୍ଗିଯାଇଥିବା ଏକ ପାଚେରିକୁ ଇଟା ଦ୍ୱାରା ଯୋଡେଇ କରୁଥିବାର ଭିଡିଓ ଭାଇରାଲ ହୋଇଛି। ଏହି ଭିଡିଓ ଏବେ ଗଣମାଧ୍ୟମରେ ଘୂରି ବୁଲୁଛି। ଛାତ୍ରମାନଙ୍କୁ କାମରେ ଲଗାଇବା ଶିଶୁ ଶ୍ରମିକ ଆଇନକୁ ଉଲ୍ଲଂଘନ କରୁଥିବା ବେଳେ ଏହା ଆଇନ ବିରୋଧୀ କାର୍ଯ୍ୟ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏହି ଭିଡିଓ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ବେହେରାଙ୍କୁ ପଚାରିବାରୁ ସେ ଭିଡିଓଟିକୁ ଦେଖି ଏହା ତାଙ୍କ ବିଦ୍ୟାଳୟର ବୋଲି ସ୍ୱୀକାର କରିଥିଲେ। ତେବେ ଏହି କାର୍ଯ୍ୟ

**ଭିଡିଓ ହେଲା ଭାଇରାଲ**
- କଂସାରିପୁଟ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏପରି ଘଟିଛି
- ଭିଡିଓ ଦେଖି ସ୍ୱୀକାର କଲେ ପ୍ରଧାନ ଶିକ୍ଷକ
- ସତ୍ୟ ହୋଇଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ: ଜିଲା ଶିକ୍ଷା ଅଧିକାରୀ

କିଛି ମାସ ତଳେ ହୋଇଥିଲା। କେହି ଜଣେ ବ୍ୟକ୍ତି ଏହାକୁ ଉଦ୍ଦେଶ୍ୟମୂଳକ ଭାବେ ଛାତ୍ରମାନଙ୍କୁ ଲଗାଇ ଭିଡିଓ କରିଥିବା ସେ କହିଥିଲେ। ପ୍ରକାଶ ଯେ, ୧୯୫୮ରେ ନିର୍ମିତ ଏହି ବିଦ୍ୟାଳୟରେ ୨୬୧ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ନୂତନ ଶ୍ରେଣୀଗୃହ ନ ଥିବାରୁ ଅର୍ଦ୍ଧଭଗ୍ନ ଏକ ଆଜବେଷ୍ଟସ୍ ଶ୍ରେଣୀ ଗୃହରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ପାଠପଢ଼ା ଚାଲିଛି। ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପାଇଁ ରନ୍ଧନ ଗ୍ୟାସ୍ ଯୋଗାଇବା ବ୍ୟବସ୍ଥା ଥିବାବେଳେ ଏଠାରେ ବର୍ଷ ତମାମ ଜାଳେଣି କାଠରେ ରୋଷେୟା ହେଉଛି। ସେହିପରି ଶୁଦ୍ଧ ପାନୀୟ ଜଳ ପିଇବା ପାଇଁ ଫିଲ୍‌ଟର ଥିଲେ ମଧ୍ୟ ପାଣି ସଂଯୋଗ ହୋଇ ନ ଥିବାରୁ ଛାତ୍ରୀଛାତ୍ରମାନେ ନଳକୂପ ପାଣି ପିଉଛନ୍ତି। ବିଦ୍ୟାଳୟରେ ଛାତ୍ରମାନଙ୍କୁ ପାଚେରି ନିର୍ମାଣ କାର୍ଯ୍ୟରେ ନିୟୋଜିତ କରାଯିବା ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ମାନସ ଜେନାଙ୍କୁ ପଚାରିବାରୁ ଏପରି ଘଟଣା ତାଙ୍କ ଦୃଷ୍ଟିକୁ ଆସିନାହିଁ। ତେବେ ମାଥିଲି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ସେ କହିବେ। ଯଦି ଏହି ଘଟଣା ସତ୍ୟ ହୋଇଥିବ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଛାତ୍ରମାନେ ବିଦ୍ୟାଳୟ ପାଚେରି ନିର୍ମାଣ କରୁଛନ୍ତି। ନିକଟରେ ଶିକ୍ଷକ ଛିଡ଼ା ହୋଇଛନ୍ତି।

# ଉନ୍ନୟନମୂଳକ କାର୍ଯ୍ୟରେ ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା ଅଭିଯୋଗ



ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ପଟ୍ଟାଙ୍ଗୀ,୨୭।୮(ଡି.ଏନ.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସମିତିର ଦ୍ୱିତୀୟ ବୈଠକ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଡିଓ ସୌମ୍ୟା ସାର୍ଥକ ମିଶ୍ର ପରିଚାଳନା କରିଥିଲେ। ବୈଠକ ଆରମ୍ଭରୁ ପୂର୍ବ ସମିତି ବୈଠକର ବିବରଣୀ ଉପସ୍ଥାପନ କରାଯାଇଥିଲା। ବୈଠକରେ ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଥମେ ଆଲୋଚନା ହୋଇଥିଲା। କୋଟିଆ ପଞ୍ଚାୟତର ସ୍ୱତନ୍ତ୍ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ଚାଲିଥିବା ବସ୍ ସବୁ ଅଞ୍ଚଳରେ ପହଞ୍ଚିପାରୁନାହିଁ। ଉକ୍ତ ବସ୍ କିପରି ସବୁ ଗ୍ରାମରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ଆଣିବ ସେନେଇ ଦୃଷ୍ଟିଦେବାକୁ ଜୋନ୍-୧ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ ବିଭାଗୀୟ ସିଆର୍‌ସିସି ସତ୍ୟ ଖରାଙ୍କୁ ପରାମର୍ଶ ଦେଇଥିଲେ। ଆନ୍ଧ୍ର ସୀମାନ୍ତ ଅମ୍ପାବାଲି ପଞ୍ଚାୟତର ସିଡିମେଟୁ ଗ୍ରାମର ପିଲାମାନେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏହି ପିଲାଙ୍କ ପାଇଁ ପାଠପଢ଼ା ସୁବିଧା କରିବାକୁ ଅମ୍ପାବାଲି ସରପଞ୍ଚ ଦାବି କରିଥିଲେ। ସେହିପରି ଅଣ୍ଡ୍ରାଙ୍ଗି ଗ୍ରାମ ବିଦ୍ୟାଳୟ ରୋଷେଇ ଗୃହ ନିର୍ମାଣ ଦୀର୍ଘ ମାସ ହେଲା ବନ୍ଦ ରହିଛି। ଏଥିପ୍ରତି ଦୃଷ୍ଟିଦେବାକୁ ଜୋନ୍-୨ ଜିଲା ପରିଷଦ ସଭ୍ୟ ଲଇଚନ ଖରା ଦାବି କରିଥିଲେ। ଅନ୍ୟପକ୍ଷରେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ରାତିରେ କେହି କର୍ମଚାରୀ ରହୁ ନ ଥିବାରୁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଥିବା ପ୍ରକାଶ କରି ପଟ୍ଟାଙ୍ଗୀ ପଞ୍ଚାୟତ ସମିତି ସଭ୍ୟା ଶିବାନୀ ନାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ

**ଶିକ୍ଷା,ସ୍ୱାସ୍ଥ୍ୟସେବାକୁ ପଞ୍ଚାୟତ ସମିତି ବୈଠକରେ ଗୁରୁତ୍ୱ**

ଜିକେଏସ୍‌ରେ ଆସୁଥିବା ଅର୍ଥ ଠିକ୍ ଭାବେ ଖର୍ଚ୍ଚ ହେଉ ନାହିଁ। ମିଥ୍ୟା ଭାଉଚର କରି ଏହାକୁ ହଡ଼ପ କରାଯାଉଛି ବୋଲି ସମ୍ପାଇ ସରପଞ୍ଚ ଅଭିଯୋଗ କରିଥିଲେ। ସେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଦାବି କରିଥିଲେ। ଦେଓପଟ୍ଟାଙ୍ଗୀ ସରପଞ୍ଚ ନରେନ୍ଦ୍ର ବଡ଼ନାୟକ, ସମିତିସଭ୍ୟ ବାସୁଦେବ ପାଙ୍ଗୀଙ୍କ ସମେତ ଅନ୍ୟ ସରପଞ୍ଚ, ସମିତି ସଭ୍ୟାସଭ୍ୟମାନେ ପଞ୍ଚାୟତଗୁଡିକରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟରେ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟାସଭ୍ୟଙ୍କୁ ଅଣଦେଖା କରାଯାଉଛି ବୋଲି ଅଭିଯୋଗ କରିଥିଲେ। ଏପରି କାର୍ଯ୍ୟ ବନ୍ଦ କରା ନ ଗଲେ ଆଗାମୀ ଦିନରେ ଏହାକୁ ଘୋର ବିରୋଧ କରାଯିବ ବୋଲି ସେମାନେ ପ୍ରକାଶ କରିଥିଲେ। ସେହିପରି ବ୍ଲକ ବା ପଞ୍ଚାୟତ ପକ୍ଷରୁ ହେଉଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ପିସି କାରବାର ହେଉଛି। ରେକର୍ଡ ଖୋଲିବା ପାଇଁ ଅବା ବିଲ୍ କରିବା ଲାଗି ଅର୍ଥ ନ ଦେଲେ କିଛି ହେଉନାହିଁ ବୋଲି ବ୍ଲକ ଉପାଧ୍ୟକ୍ଷ ତ୍ରିନାଥ କଟା ସଙ୍ଗିନ ଅଭିଯୋଗ କରିଥିଲେ। ଏହାକୁ ବ୍ଲକ ପ୍ରଶାସନ ଖଣ୍ଡନ କରିଥିଲା। ତେବେ ଅଭିଯୋଗର ତଦନ୍ତ କରାଯିବ ବୋଲି ସମ୍ପୃକ୍ତ ଯୋଜନାର ଅଧିକାରୀ କହିଥିଲେ। ବୈଠକରେ ଏମ୍‌ପି ପ୍ରତିନିଧି ଶୁକ୍ରା ଖରା, ବିଧାୟକ ପ୍ରତିନିଧି ଜୟସିଂପଡା ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# କେନ୍ଦ୍ର ସମବାୟ ସମିତି ନିର୍ବାଚନ ନେଇ ତାଲିମ

**ଜୟପୁର, ୨୭।୮ (ନି.ପ୍ର.)**

ଜୟପୁର ଡିଆର୍‌ସିଏସ୍ କାର୍ଯ୍ୟାଳୟରେ କେନ୍ଦ୍ର ସମବାୟ ସମିତିଗୁଡିକରେ କମିଟି ସଭ୍ୟମାନଙ୍କ ନିମନ୍ତେ ନିର୍ବାଚନ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ୫୦ରୁ ଊର୍ଦ୍ଧ୍ୱ ନିର୍ବାଚନ ଅଧିକାରୀ, ସହ ନିର୍ବାଚନ ଅଧିକାରୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଜୟପୁର ସମବାୟ ବିଭାଗ ଅଧୀନରେ ଥିବା କୋରାପୁଟ ଜିଲା, ନବରଙ୍ଗପୁର ଜିଲା ଓ ମାଲକାନଗିରି ଜିଲାର ୧୦ଟି ସମିତିର ନିର୍ବାଚନ ହେବାକୁ ଯାଉଛି। ଆସନ୍ତା ଅକ୍ଟୋବର ୨୩ ଓ ୩୦ରେ ୨ଟି ପର୍ଯ୍ୟାୟରେ ଏହି ନିର୍ବାଚନ ହେବ। ଏହି ତାଲିମ ଶିବିରରେ ଡିଆର୍‌ସିଏସ୍ ସିଏଚ୍ ଭବାନୀ ପ୍ରସାଦ, ଉପଜିଲାପାଳ ବେଦବର ପ୍ରଧାନ, ନବରଙ୍ଗପୁର ଏଆର୍‌ସିଏସ୍ ମୋନିକା ରାୟ, ଜୟପୁର ଏଆର୍‌ସିଏସ୍ ପ୍ରାଚିତା ଜେନା, କୋରାପୁଟ ଏଆର୍‌ସିଏସ୍ ଲକ୍ଷ୍ମୀଧର ରାଉତ ଓ ଏସ୍‌ଡିଭିଓ ଉପସ୍ଥିତ ଥିଲେ। ଏସ୍‌ଏଆର୍‌ସିଏସ୍ ଶିଶିରକାନ୍ତ ଦାସ ତାଲିମ ଦେଇଥିଲେ। କେନ୍ଦ୍ର ସମବାୟ ବ୍ୟାଙ୍କ ଜୟପୁର, କୋରାପୁଟ ଜିଲା ହୋଲ୍‌ସେଲ ଜୟପୁର କଞ୍ଜୁମର କୋଅପରେଟିଭ ଷ୍ଟୋର, ଜୟପୁର ରିଜିଓନାଲ କୋଅପରେଟିଭ ମାର୍କେଟିଂ ସୋସାଇଟି ଲିମିଟେଡ୍, କୋରାପୁଟ ଜିଲା କୋଅପରେଟିଭ ୟୁନିୟନ ଲିମିଟେଡ୍, ଡୁମୁରିପୁଟ ରିଜିଓନାଲ କୋଅପରେଟିଭ ମାର୍କେଟିଂ ସୋସାଇଟି, ସାବରି ହୋଲ୍‌ସେଲ କଞ୍ଜୁମର କୋପରେଟିଭ ଷ୍ଟୋର ସୁନାବେଡ଼ା, ନବରଙ୍ଗପୁର ହୋଲ୍‌ସେଲ କଞ୍ଜୁମର କୋଅପରେଟିଭ ଷ୍ଟୋର ଲିମିଟେଡ୍, ନବରଙ୍ଗପୁର ରିଜିଓନାଲ କୋଅପରେଟିଭ ମାର୍କେଟିଂ ସୋସାଇଟି ଲିମିଟେଡ୍, ଉମରକୋଟ ରିଜିଓନାଲ କୋଅପରେଟିଭ ମାର୍କେଟିଂ ସୋସାଇଟି ଲିମିଟେଡ୍, କେଏମ୍‌ଏନ୍‌ଆର୍ ରିଜିଓନାଲ କୋପରେଟିଭ ମିଲ୍କ ପ୍ରଡକ୍ସ ୟୁନିୟନ ଲିମିଟେଡ୍ ଜୟପୁରର ନିର୍ବାଚନ ହେବାକୁ ଯାଉଛି।



ସମବାୟ ନିର୍ବାଚନ ନେଇ ତାଲିମ ଦେଉଥିବା ଅଧିକାରୀମାନେ।

# ସମସ୍ତ ୱାର୍ଡରେ ଉଡ଼ିବ ଜାତୀୟ ପତାକା

**ଜୟପୁର, ୨୭।୮ (ନି.ପ୍ର.)**

ଆସନ୍ତା ଅଗଷ୍ଟ ୩୧ରେ ସ୍ୱାୟତ୍ତ ଶାସନ ଦିବସ। ଏହି ଅବସରରେ ଜୟପୁରର ୨୮ ୱାର୍ଡ ସହ ରାଜ୍ୟର ୨୫୫ ୱାର୍ଡରେ ଜାତୀୟ ପତାକା ଉଡ଼ିବ। ଏନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆସିଥିବା ନିର୍ଦ୍ଦେଶରେ କୁହାଯାଇଛି। ପ୍ରତିବର୍ଷ ପୌର କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଉଥିଲା। ଚଳିତ ବର୍ଷ ପୌର ପରିଷଦ ସହ ସମସ୍ତ ୱାର୍ଡରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ପ୍ରତ୍ୟେକ ୱାର୍ଡର ସମସ୍ୟା ତୁରନ୍ତ ସମାଧାନ କରିବା ଏହାର ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମରେ କାଉନସିଲର, ସ୍ୱଚ୍ଛସାଥୀ, ସୁପରଭାଇଜର, ବରିଷ୍ଠ ନାଗରିକ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଉପସ୍ଥିତ ରହିବେ। ସୂଚନାଯୋଗ୍ୟ, ଅବିଭକ୍ତ କୋରାପୁଟ ଜିଲାର ଜୟପୁରଠାରେ ପ୍ରଥମ ପୌର ପରିଷଦ ୧୯୫୩ରେ ଗଠନ କରାଯାଇଥିଲା। ଐତିହାସିକ ଗାଥା ବହନ କରୁଥିବା ଏହି ସହରର କୀର୍ତ୍ତିରାଜି, ପର୍ଯ୍ୟଟନ, ବାଣିଜ୍ୟ ବ୍ୟବସାୟ ଓ ସୌନ୍ଦର୍ଯ୍ୟକରଣରେ ସ୍ୱତନ୍ତ୍ରତା ରହିଛି।

# ସଚେତନତା ବାର୍ତ୍ତା ବାଣ୍ଟୁଛି ଶ୍ରମଜୀବୀ ସଙ୍ଗଠନ



ଶ୍ରମଜୀବୀ ସଙ୍ଗଠନର ସଦସ୍ୟମାନେ ଲୋକଙ୍କୁ ସଚେତନ କରୁଛନ୍ତି।

**ମାଲକାନଗିରି,୨୭।୮(ଡି.ଏନ.ଏ.)**

ମାଲକାନଗିରି ଜିଲାରୁ ଆରମ୍ଭ ହୋଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସୁଫଳ ଓ ବ୍ୟବହାରିକତାକୁ ନେଇ ଜିଲା ଶ୍ରମଜୀବୀ ସଙ୍ଗଠନ ସଚେତନତା କାର୍ଯ୍ୟକ୍ରମ କରୁଛି। ଜିଲାର ବିଭିନ୍ନ ସ୍ଥାନରେ ଏହି ଯୋଜନାର ହିତାଧିକାରୀଙ୍କ ନିକଟରେ ପହଞ୍ଚି ଲୋକଙ୍କୁ ସଚେତନ କରୁଛି। ୭ଟି ବ୍ଲକରେ ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ପରିବାରକୁ ନେଇ ସର୍ଭେ କରି ସଙ୍ଗଠନର କର୍ମକର୍ତ୍ତାମାନେ ଏପର୍ଯ୍ୟନ୍ତ ବହୁ ହିତାଧିକାରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡର ବ୍ୟବହାର କିପରି କରାଯିବ, ସେଥିରେ କି ଲାଭ ମିଳିବ ଓ କେଉଁଠାରେ ଚିକିତ୍ସିତ ହେବେ, କେତେ ଟଙ୍କାର ସୁବିଧା ମିଳିବ ସେନେଇ କିଛି ଜାଣି ନ ଥିବା ଜାଣିବାକୁ ପାଇଥିଲେ। ପରେ ସଙ୍ଗଠନ ପକ୍ଷରୁ

**ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା**

୪ଟି ଟିମ୍ ଗଠନ କରାଯାଇ ଜିଲାର ୭ ବ୍ଲକର ୧୧୧ ପଞ୍ଚାୟତ ଓ ଗ୍ରାମସ୍ତରରେ ଏ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଉଛି। ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜନପ୍ରତିନିଧି, ସ୍ୱାସ୍ଥ୍ୟ କର୍ମୀଙ୍କ ସହିତ ଯୋଗାଯୋଗ କରି ସମସ୍ୟା ସମାଧାନ ପାଇଁ ଏହି ଅଭିଯାନ ଚାଲିଥିବା ଜଣାପଡିଛି। ସଙ୍ଗଠନର ସଦସ୍ୟ ମୁକୁନ୍ଦ ମାଡକାମୀ, ଶ୍ରୀନୁ ସେଲବମ, ରାମ ବଡ଼ନାୟକ, ମଦନ ହନ୍ତାଳ, ତ୍ରିନାଥ ବଡ଼ନାୟକ, ସୀତାରାମ ଦୁରୁଆ, ସବୁ ସୋଡି, ଶୁଭଶ୍ରୀ ମାଢି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଆସନ୍ତା ଅଗଷ୍ଟ ୩୧ ପର୍ଯ୍ୟନ୍ତ ଏହା ଚାଲିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।

# ସାଇକେଲ ମରାମତି କରି ପରିବାର ଚଳାଉଛନ୍ତି ମଙ୍ଗଲୁ

**ଦଶମନ୍ତପୁର, ୨୭।୮( ଡି.ଏନ.ଏ.)**

ଶାରୀରିକ ଭିନ୍ନକ୍ଷମ ହୋଇ ମଧ୍ୟ ସେ ହାର ମାନିଯାଇନାହାନ୍ତି। କୌଣସି ସରକାରୀ ସହାୟତା ନ ପାଇ ମଧ୍ୟ ନିଜ ଗୋଡ଼ରେ ନିଜେ ଠିଆହେବାକୁ ସକ୍ଷମ ହୋଇଛନ୍ତି। ସେ ହେଉଛନ୍ତି ଏ. ମାଲକାନଗିରି ପଞ୍ଚାୟତର ମଙ୍ଗଲୁ ପାଇକ (୪୦)। ସ୍ତ୍ରୀ ତିଳୋତ୍ତମା, ଝିଅ ହେମଲତାଙ୍କୁ ନେଇ ତାଙ୍କ ସଂସାର।

**ଭିନ୍ନକ୍ଷମ ହୋଇ ମଧ୍ୟ ସକ୍ଷମ**

ରହିବା ପାଇଁ ଭଲ ଘରଟିଏ ନାହିଁ। କୌଣସି ସରକାରୀ ସହାୟତା ପାଇନାହାନ୍ତି ମଙ୍ଗଲୁ। ପରିବାର ଚଳାଇବା ଲାଗି ପଞ୍ଚାୟତ ସମ୍ମୁଖ ରାସ୍ତାକଡ଼ରେ ବସି ସାଇକେଲ ମରାମତି ଓ ବାଇକର ଟାୟାର ପଙ୍କଚର କାମ କରୁଛନ୍ତି।



ମଙ୍ଗଲୁ ସାଇକେଲ ମରାମତି କରୁଛନ୍ତି।

ଜନ୍ମରୁ ଭିନ୍ନକ୍ଷମ ମଙ୍ଗଲୁଙ୍କ ଅଣ୍ଟାରୁ ତଳକୁ ଶକ୍ତିହୀନ ହୋଇପଡ଼ିଛି। ଛିଡ଼ାହେବା ମାତ୍ରେ ତାଙ୍କ ଶରୀର ଥରି ଉଠୁଛି। ୮ ମାସ ତଳେ ଦଶମନ୍ତପୁର ବ୍ଲକରେ ଚାଲିଥିବା ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ଯାଇ ସେ ହୁଇଲ ଚେୟାରଟିଏ ସହାୟତା ପାଇଥିଲେ। ସେହି ହୁଇଲ ଚେୟାର ୫ ମାସ ନ ହେଉଣୁ ଅଚଳ ହୋଇପଡ଼ିଛି। କ୍ରମେ ମଙ୍ଗଲୁ ଘର ସମ୍ମୁଖରେ ବସି ଲୋକଙ୍କ ସାଇକେଲ ମରାମତି କରିବା ଆରମ୍ଭ କଲେ। କୋରାପୁଟ ଯାଇ ବାଇକ୍ ପଙ୍କଚର ମରାମତି କରିବା ଶିଖି ମଙ୍ଗଲୁ ଏହି କାର୍ଯ୍ୟ ମଧ୍ୟ କରୁଛନ୍ତି। ଏବେ ସେଥିରୁ ହେଉଥିବା ରୋଜଗାରରେ ପରିବାର ଚଳାଉଛନ୍ତି ସେ। ପୂର୍ବରୁ ଆବାସ ଯୋଜନାରେ ସାମିଲ କରିବା ପାଇଁ ଜଣେ ବ୍ୟକ୍ତିଙ୍କୁ ୭ଶହ ଟଙ୍କା ଲାଞ୍ଚ ଦେଇ ମଧ୍ୟ ଏଯାଏ ଆବାସ ଯୋଜନାରୁ ବଞ୍ଚିତ ହୋଇ ରହିଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଏସ୍‌ଏସ୍‌ଓ ଗୌତମ ଖୋସ୍‌ଲାଙ୍କୁ ପଚାରିବାରୁ ସେ କହିଲେ, ଏହାର ଅନୁଧ୍ୟାନକରି କିଛି ସହାୟତା ବ୍ୟବସ୍ଥା କରିବେ।

# ଦେବାନମୁଣ୍ଡା ପୋଖରୀରେ ପଶୁଛି ଏନ୍‌ଏଚ୍ ବିଭାଗ ଡ୍ରେନ୍‌ପାଣି

**କୋଟପାଡ଼,୨୭।୮(ଡି.ଏନ.ଏ.)**



ଏନ୍‌ଏଚ୍ ବିଭାଗର ଡ୍ରେନ ପାଣି ପଶି ଦୂଷିତ ହୋଇଯାଇଥିବା ପୋଖରୀ।

କୋରାପୁଟ ଜିଲ୍ଲା କୋଟପାଡ଼ ସହରରେ ଥିବା ଦେବାନମୁଣ୍ଡା ପୋଖରୀରେ ଜାତୀୟ ରାଜପଥ(ଏନ୍‌ଏଚ୍) ବିଭାଗ ଡ୍ରେନ୍‌ପାଣି ସଂଯୋଗ କରିଥିବାରୁ ପୋଖରୀ ପାଣି ଦୂଷିତ ହେବାରେ ଲାଗିଛି। ଏହି ପୋଖରୀ ଉପରେ ସହରର ୪ଟି ୱାର୍ଡର ଜନସାଧାରଣ ନିର୍ଭର କରନ୍ତି। ପରବର୍ତ୍ତୀ ସମୟରେ ଉକ୍ତ ପୋଖରୀକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାଛଚାଷ ସକାଶେ ନିଲାମକରି ଅର୍ଥ ଆଦାୟ କରୁଥିଲା। ପୋଖରୀର ରକ୍ଷଣାବେକ୍ଷଣ ମଧ୍ୟ କରୁଥିଲା। ଗତ କିଛି ବର୍ଷ ହେବ ଉକ୍ତ ପୋଖରୀକୁ ଜାତୀୟ ରାଜପଥ ପାର୍ଶ୍ୱର ଡ୍ରେନ୍ ସହ ସହରର ଡ୍ରେନ୍ ପାଣି ସଂଯୋଗ ହୋଇ ପୋଖରୀ ମଧ୍ୟକୁ ପଶୁଛି। ଫଳରେ ପୋଖରୀ ପାଣି ଦୂଷିତ ହେବାରେ ଲାଗିଛି। ଏନେଇ ଜନସାଧାରଣ ପରିଷଦର ଦୃଷ୍ଟି ଆକର୍ଷଣ କରିବା ସହ ଜାତୀୟ ରାଜପଥ ଅଧିକାରୀଙ୍କୁ ଜଣାଇଥିଲେ। ଜାତୀୟ ରାଜପଥ ବିଭାଗ ପୋଖରୀରେ ଡ୍ରେନ୍ ପାଣି ନ ପଶିବା ଲାଗି ଏକ ନାଳ କରିଥିଲେ ମଧ୍ୟ ଏହା ଠିକ୍ ରୂପେ ହୋଇ ନ ଥିବାରୁ ସହରର ଡ୍ରେନ୍ ପାଣି ପୂର୍ବପରି ପୋଖରୀ ମଧ୍ୟରେ ପଶୁଛି। ଏବେ ପୋଖରୀ ପଙ୍କରେ ପୋତି ହୋଇଗଲାଣି। ଏହାର ପୁନରୁଦ୍ଧାର ସକାଶେ ଲୋକେ ବାରମ୍ବାର ପରିଷଦ ଓ ଜିଲା ପ୍ରଶାସନକୁ ଜଣାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନାହିଁ। କେବଳ ମାଷ୍ଟର ପ୍ଲାନ୍ ହୋଇଛି କହି ପ୍ରଶାସନ ଭୁଆଁ ବୁଲାଉଛି। ଅନ୍ୟପକ୍ଷରେ ପ୍ରଶାସନ ନ ଶୁଣିବାରୁ କୋଟପାଡ଼ ବିଜୁ ଯୁବବାହିନୀ ଓ ଯୁବ ଛାତ୍ର ଏକତ୍ରିତ ହୋଇ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନେଇଛନ୍ତି। ୪ ଦିନ ହେଲା ପୋଖରୀରୁ ପଙ୍କ କାଢ଼ି ଏହାର ଚାରିପାର୍ଶ୍ୱ ସଫା କରୁଛନ୍ତି। କୋଟପାଡ଼ ବିଜୁ ଜନତା ଦଳର ନଗର ସଭାପତି ସୁଧୀର ଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶିବ ପଟ୍ଟନାୟକ, ସୁରେନ୍ଦ୍ର ପାଢ଼ୀ, ବିକ୍ରମ ମାଝି, ଓମ୍‌ପ୍ରକାଶ ଦଳେଇ, ସାଗର ପାତ୍ର, ଅନିଲ ପରିଡ଼ା, ତପନ ମହାନ୍ତି, ଅଜୟ ମାଦଳା ପ୍ରମୁଖ ସଫେଇ କାର୍ଯ୍ୟରେ ସାମିଲ ହୋଇଛନ୍ତି।

